## ସଂକ୍ଷେପରେ

### ବିପୁଳ ପୋଚ ସହ ରନ୍ଧା ମଦ ନଷ୍ଟ

ଗୋଶାଣୀ(ପ୍ରଶାନ୍ତ କୁମାର ରାଉତ) ୧୨।୭: ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ବର୍ଲଣ୍ଡା ଗ୍ରାମାଞ୍ଚଳରେ ମିଳିତ ଅବକାରୀ ଚଢଉ କରାଯାଇ ବିପୁଳ ପରିମାଣର ପୋଚ ସହ ଦେଶୀ ରନ୍ଧା ମଦକୁ ଜବତ କରାଯାଇ ନଷ୍ଟ କରାଯାଇଥିବା ଜଣାପଡିଛି । ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀଙ୍କ ତତ୍ତ୍ୱାବଧାନରେ ଏହି ମିଳିତ ଚଢଉ ହୋଇଥିବା ଜଣାପଡିଛି । ଏହି ମିଳିତ ଚଢ଼ାଉରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏସଆଇ ବଳରାମ ବେହେରା ପ୍ରମୁଖ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଭାଗନେଇଥିଲେ। ଚଢଉ ବେଳେ ୩୨୮୦ ପୋଚ ଜବତ କରାଯାଇଥିବା ବେଳେ ୧୨୦ ଲିଟର ରନ୍ଧାମଦକୁ ମଧ ଜବତ କରାଯାଇ ନଷ୍ଟ କରାଯାଇଥିବାର ବିଭାଗୀୟ ସୂତ୍ରରୁ ପ୍ରକାଶ ।

### ରାମରାଜୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୧୨।୭ (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଖରଷଣ୍ଡା ଗ୍ରାମରେ ରାମ ରାଜୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରଷଣ୍ଡା ଗ୍ରାମର ରାଜୀବ ଗାନ୍ଧୀ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲାରାଜ ଶେଖରଙ୍କ ଅଧକ୍ଷତାରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ପୁରୁଣାପାଟଣା ଗ୍ରାମର ରାମରାଜୁ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷ ପାରାସେଲି ରାମାରାଜୁଙ୍କ ଦ୍ୱାରା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୨-୨୩ ଶିକ୍ଷା ବର୍ଷରେ ଉକ୍ତ ସ୍କୁଲର ଦଶମ ଶ୍ରେଣୀର ବିଦ୍ୟାର୍ଥୀ ରିଶି ବିକ୍ରମ ୬୦୦ ମାର୍କରୁ ୪୭୩ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ଯୋଗୁଁ ତାଙ୍କୁ ମାନପତ୍ର ଏବଂ ଆର୍ଥିକ ଅନୁଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିସହ ରିସି ରାଜା ରାଓ, ଜ୍ୟୋତି ଦେବୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଲା ରାଜଶେଖରଙ୍କୁ ମଧ ସମ୍ମାନିତ କରାଯାଇଥିଲା।

### ଗୋଷ୍ଠୀ ଶୌଚାଳୟ ଗୁଡିକରେ ଉଇହୁଙ୍କା

ଖଜୁରିପଡ଼ା,୧୨।୭(ବିଦୁର ବେହେରା)- ଖଜୁରିପଡ଼ା କକବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ୩ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରି ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କାରଣ ମଳମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ତେଣୁ କୌଣସି ଜନସାଧାରଣ କିମ୍ବା ଯାତ୍ରୀ ହେଉ ଅବା ପର୍ଯ୍ୟଟକମାନେ ଯେମିତି ଶୌଚ ହେବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତୁ ସେ ଦିଗରେ ଦୃଷ୍ଟି ରଖି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ମାଧମରେ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଛନ୍ତି। କିନ୍ତୁ ସେଗୁଡିକ ବ୍ୟବହାର ପରିବର୍ତ୍ତେ ମାସ ମାସ ଧରି ତାଲା ପଡ଼ିରହିଛି। ଯାହା ଦ୍ୱାରା ଲୋକମାନେ ବାହାରେ ପରିସ୍ରା ଏବଂ ମଳତ୍ୟାଗ କରୁଛନ୍ତି। ବାହାରେ ଅସନା ହେଉଥିବା ଯୋଗୁ ପରିବେଶ ପରିଚ୍ଛନ୍ନ ସଫା ସୁତୁରା ରହୁନାହିଁ। ଗୋଷ୍ଠୀ ଶୌଚାଳୟଗୁଡିକରେ ଉଇହୁଙ୍କା ଲାଗିଲାଣି। ଅନ୍ୟପକ୍ଷରେ ସରକାର ସ୍ୱଚ୍ଛ ଭାରତ ମିଶନ ମାଧମରେ ଗାଁ ଠୁ ସହର ସଫାସୁତୁରା ରଖିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଅଧିକାରୀମାନେ ସେହି ସ୍ୱପ୍ନକୁ ଭାଙ୍ଗି ଚୂର୍‌ମାର କରି ଦେଉଥିବା ପରିଲକ୍ଷିତ ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ୨୨୪ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆପଡ଼ା,୧୨।୭(ସୁଶାନ୍ତ ପଟ୍ଟନାୟକ)- ବେଗୁନିଆପଡ଼ା ବ୍ଲକ ସୁମଣ୍ଡଳ ଠାରେ ବୁଧବାର ଜୀବନ ବିନ୍ଦୁ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧକ୍ଷ ସୁବାସ ମହାରଣା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖଲ୍ଲିକୋଟ ରାଣୀ ଭି ସୁଜ୍ଞାନ କୁମାରୀ ଦେଓଙ୍କ ୮୬ ତମ ଜନ୍ମ ଦିବସ ଉପଲକ୍ଷେ ସୁମଣ୍ଡଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ସୁମଣ୍ଡଳ, ସାଙ୍କୁଡ଼ା, ଷଣ୍ଢ ମୂଳ, ଅଙ୍ଗାରଗାଁ, କୁମ୍ଭାର ଗାଁ, ତାଳସର, ବଡ ଖଇର ଖମା ଓ ବୁରୁଝରୀ ପଞ୍ଚାୟତକୁ ନେଇ ଏହି ଶିବିର ହୋଇଛି । ଏଥିରେ ବ୍ଲକ ଅଧକ୍ଷା ରେଣୁ ଗୌଡ଼, ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ସମିତି ସଭ୍ୟ ସନ୍ତୋଷ କୁମାର ସାହୁଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ, ଯୁବ ଗୋଷ୍ଠୀ ଓ ରକ୍ତଦାତାମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ମୋଟ ୨୪୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ଚଢ଼ା ଦରରେ ସାର ବିକିଲେ କାର୍ଯ୍ୟାନୁଷ୍ଠାନ

**ଭଞ୍ଜନଗର,୧୨।୭(ବାବୁଲା ପ୍ରଧାନ)**

ଖରିଫ ଋତୁରେ ସାରର ସୁଷମ ବଣ୍ଟନ ସହ ଉଚିତ୍ ଦରରେ ଚାଷୀମାନେ କିଭଳି ପାଇପାରିବେ ସେ ନେଇ ଭଞ୍ଜନଗର ଅତିରିକ୍ତ ଜିଲା କୃଷି କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଭଞ୍ଜନଗର ଏବଂ ବୁଗୁଡ଼ାଠାରେ ସମୀକ୍ଷା ବୈଠକ ହୋଇଥିଲା। ମଧ୍ୟାହ୍ନରେ ଭଞ୍ଜନଗରରେ ଅନୁଷ୍ଠିତ ବୈଠକରେ ବ୍ଲକର ସୋସାଇଟି ସମ୍ପାଦକ ଏବଂ ଡିଲରମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ସଂଧ୍ୟାରେ ବୁଗୁଡ଼ା ଠାରେ ଅନୁଷ୍ଠିତ ବୈଠକରେ ଭଞ୍ଜନଗର ଏଡିଓ ସୁଧାଂଶୁ କୁମାର ନନ୍ଦ ଅଧକ୍ଷତା କରି ସାରର ସୁଷମ ବଣ୍ଟନ ଉପରେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସିଂହ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ନାନୋ ୟୁରିଆ ୨୨୦ ଟଙ୍କା, ନାନୋ ଡି ଏ ପି ୬୦୦ ଟଙ୍କା, ଡିଏପି ୧୩୫୦, ପଟାସ ୧୭୦୦ ଟଙ୍କା ଏବଂ ୟୁରିଆ ସାର ୪୫ କେଜିକୁ ୨୬୬ ଟଙ୍କା ୫୦ ପଇସାରେ ଚାଷୀଙ୍କୁ ବିକ୍ରି କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ଅଛି। କିନ୍ତୁ ଭଞ୍ଜନଗର ବ୍ଲକରେ ସୋସାଇଟି ଗୁଡିକରେ ଟ୍ରାନ୍ସପୋର୍ଟ ଖର୍ଚ୍ଚ ମିଶାଇ ୟୁରିଆ ସାର ୪୫ କେଜିକୁ ୩୧୦ରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରାଯାଉଛି। ଆଉ କେତେକ ସ୍ଥାନରେ ୩୨୦ ଟଙ୍କାରେ ମଧ ବିକ୍ରି ହେଉଛି। ଡିଲରମାନେ ତା ଠାରୁ ଆହୁରି ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ନିର୍ଦ୍ଦେଶନାମାକୁ ସୋସାଇଟି ଏବଂ ଡିଲର ମାନେ ବିଭିନ୍ନ କାରଣ ଦର୍ଶାଇ ମାନୁନାହାନ୍ତି। ଅନ୍ୟପଟେ କୃଷି ବିଭାଗ ପକ୍ଷରୁ ସମୀକ୍ଷା ପରେ ସମୀକ୍ଷା କରାଯାଇ ନାମକୁ ମାତ୍ର ସୋସାଇଟି ଏବଂ ଡିଲରମାନଙ୍କୁ ତାଗିଦ୍ କରାଯାଉଛି। ଏନେଇ ଭଞ୍ଜନଗର ବ୍ଲକର ଜଣେ ସୋସାଇଟି ସମ୍ପାଦକ କହିଛନ୍ତି ଯେ ସରକାର ଗୋଟେ ନିୟମ କରୁଛନ୍ତି କିନ୍ତୁ ସୋସାଇଟି ଆଉ ଗୋଟେ ନିୟମ କରୁଛନ୍ତି। ତେଣୁ ଆମେ ବାଧ୍ୟ ହୋଇ ସୋସାଇଟି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ମାନି ଟ୍ରାନ୍ସପୋର୍ଟ ଖର୍ଚ୍ଚ ଚାଷୀଙ୍କ ଠାରୁ ନେଉଛି। ସରକାରୀ ନିର୍ଦ୍ଦେଶନାମା ମାନିଲେ ଟ୍ରାନ୍ସପୋର୍ଟ ଖର୍ଚ୍ଚ କିଏ ଦେବ ବୋଲି ସମ୍ପାଦକ ଜଣଙ୍କ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଭଞ୍ଜନଗର ଏବଂ ବୁଗୁଡ଼ା ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦିବ୍ୟ ରଞ୍ଜନ ମାଝୀ କହିଛନ୍ତି ଯେ ଚଢା ଦରରେ କେଉଁଠି ସାର ବିକ୍ରି ହେଉଥିବା ଅଭିଯୋଗ ଆସିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।


ବୈଠକରେ ଉପସ୍ଥିତ ଅଧିକାରୀ।

# ୧ରୁ ସମୂହ ଛୁଟିରେ ଯିବେ ଗ୍ରାମ୍ୟ କୃଷି କର୍ମଚାରୀ


ଏଡିଏମଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଛତ୍ରପୁର,୧୨।୭(ସନ୍ତୋଷ ପାଢୀ)**

ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଗ୍ରାମ୍ୟ କୃଷି କର୍ମଚାରୀ ବଦଳରେ କୃଷି ସଂପ୍ରସାରଣ ଅଧିକାରୀ ମାନ୍ୟତା, ଗ୍ରେଡ୍‌ପେ ୨ ହଜାର ଟଙ୍କାରୁ ୪୨୦୦ ଟଙ୍କାକୁ ବୃଦ୍ଧି, ଚାକିରି କାଳ ମଧ୍ୟରେ ୩ରୁ ୪ଟି ପଦୋନ୍ନତି, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କମ୍ପ୍ୟୁଟର ଓ ମୋବାଇଲ ପ୍ରଦାନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସଂଶୋଧିତ ଜବକାର୍ଡ ଘୋଷଣା ଆଦି ରହିଛି । ଉକ୍ତ ଦାବିଗୁଡିକ ନେଇ ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି ସେବା ଯୋଗାଇବା ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ନିଷ୍ପତି ହୋଇଛି। ଏହାପରେ ବି ଦାବି ପୂରଣ ନହେଲେ ଅଗଷ୍ଟ ୧ ରୁ ସମୂହ ଛୁଟିରେ ଯିବେ ବୋଲି ସୂଚନା ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସମ୍ପାଦକ ବୈରାଗୀ ସ୍ୱାଇଁ, କେ.ନାରାୟଣ ରାଓ, ଅଶୋକ ସାହୁ, ନିହାରିକା ପଣ୍ଡା, ରୋଜାଲିନ୍ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କୁଇ ଭାଷାକୁ ସମ୍ବିଧାନରେ ସାମିଲ ସୁପାରିସ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା କୁଇ ସମାଜ

ଫୁଲବାଣୀ, ୧୨।୭(ରାକେଶ କୁମାର ରାଉତ)

ଦୀର୍ଘ ଦିନରୁ ଆଦିବାସୀମାନେ ସେମାନଙ୍କ ଭାଷା କୁଇକୁ ସମ୍ବିଧାନରେ ସାମିଲ କରିବା ପାଇଁ ଦାବି କରି ଆସୁଥିଲେ । ନିକଟରେ ରାଜ୍ୟ ସରକାର ଏହି କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା ପାଇଁ କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କୁ ଏନେଇ ସୁପାରିସ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାକୁ ନେଇ କୁଇ ଭାଷାଭାଷୀଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି । ମଙ୍ଗଳବାର ଏହାକୁ ନେଇ କୁଇ ସମାଜ ସେବା ସମିତି ପକ୍ଷରୁ ଫୁଲବାଣୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। କନ୍ଧମାଳ ସମେତ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଜପତି, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଆଦି ଜିଲାରେ ବସବାସ କରୁଥିବା ଆଦିବାସୀମାନେ କୁଇ ଭାଷାରେ କଥାବାର୍ତ୍ତା କରନ୍ତି । ଏହି ଭାଷା ବ୍ୟବହାର କରୁଥିବା ଆଦିବାସୀଙ୍କ ସଂଖ୍ୟା ପ୍ରାୟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ। ଇତି ମଧ୍ୟରେ କୁଇ ଲିପି ପ୍ରସ୍ତୁତି ପ୍ରକ୍ରିୟା ମଧ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କୁଇ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଅନେକ ଦିନରୁ ଦାବି ହୋଇ ଆସୁଥିଲା। କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କଲେ କୁଇ ଭାଷାକୁ ସ୍ୱତନ୍ତ୍ର ସ୍ୱୀକୃତି ମିଳିବ। ପୂର୍ବରୁ ସାନ୍ତାଳୀ ଭାଷା ଏକମାତ୍ର ଆଦିବାସୀ ଭାଷା ଭାବେ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ ହୋଇଛି। ସ୍ଥାନୀୟ କୁଇ ସମାଜ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସମାଜର ସଭାପତି ସୁଦର୍ଶନ କହଁର, କୁଇ ଭାଷା ସାହିତ୍ୟ ସମିତି ସଭାପତି ଦୀନବନ୍ଧୁ କହଁର, ବାଲିଗୁଡା କୁଇ କୂଳ ସମିତି ସଭାପତି ମନୋଜ କୁମାର ମଲ୍ଲିକ, କୋଷାଧକ୍ଷ ଭାବୀନ୍ଦ୍ର କହଁର ପ୍ରମୁଖ ଉପସ୍ଥିତ ଥିଲେ। କୁଇ ସମାଜର ସମ୍ପାଦକ ଇଂ. ଅବନୀ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଭିନ୍ନ କୁଇ ସଂଗଠନର କର୍ମକର୍ତ୍ତା।

## ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ପୋଲସରା,୧୨।୭(ସୁବ୍ରତ ବେହେରା)

ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ନିକଟରେ ଥିବା ଏକ ଘର ଭିତରୁ ବୁଧବାର ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ପୋଲସରା ବ୍ୟାଙ୍କ ଅଫ୍ ଇଣ୍ଡିଆର ଅତିରିକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଶୁଭଙ୍କର ଦାଶ। ସୁଧାଂଶୁ ରହୁଥିବା ଭଡ଼ାଘରର କବାଟ ବୁଧବାର ସକାଳୁ ଖୋଲି ନ ଥିଲେ। ସନ୍ଦେହରେ ସାହି ବାସିନ୍ଦା ପୋଲିସକୁ ଜଣାଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଉକ୍ତ ଘରୁ ଝୁଲନ୍ତା ଅବସ୍ଥାରେ ସୁଧାଂଶୁଙ୍କ ମୃତଦେହ ଜବତ କରି ପରିବାରକୁ ଖବର ଦେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ, ଦୁଇ ଦିନ ତଳେ ପୁଅଙ୍କ ସହିତ ବାପା ଗଗନ କୁମାର ଦାସ ଫୋନ୍‌ରେ କଥା ହେଉଥିଲେ। ସୁଧାଂଶୁ କହିଥିଲେ ତାଙ୍କୁ ବ୍ୟାଙ୍କରେ ଅଧିକ କାମ ପ୍ରେସର ହେଉଛି। ଏହା ପରେ ଜଣେ ଗ୍ରାହକଙ୍କ ସହିତ ଝଗଡ଼ା ହୋଇଥିଲା, ହତ୍ୟା ଧମକ ଦେଇଥିବା ବେଳେ ଶୁକ୍ରବାର ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ମଧ ଝଗଡ଼ା ହୋଇଥିବା ସେ କହିଥିଲେ। ତେଣୁ ପୁଅ ସୁଧାଂଶୁଙ୍କୁ କେହି ହତ୍ୟା କରିଥିବା ନେଇ ଗଗନ ଅଭିଯୋଗ କରିଛନ୍ତି। ତେବେ ସୁଧାଂଶୁଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ନଂ. ୪୦୬/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଏଏସ୍‌ଆଇ ଜୟ ପ୍ରକାଶ ପଟ୍ଟନାୟକ କହିଛନ୍ତି।

## ଚାରା ରୋପଣ କଲେ କଲେଜ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ ଚାରା ରୋପଣ କରିବାକୁ ନେଉଛନ୍ତି।

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୧୨।୭ (ଅରୁଣ ସାହୁ/ମନୋରଞ୍ଜନରଣା )

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଋଷିମାଳ ଡିଗ୍ରୀ ଓ ଜୁନିୟର କଲେଜରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରାବଣ ମାସରେ ଚାରାରୋପଣ କାର୍ଯ୍ୟ କରାଯାଉଛି। ଛାତ୍ରୀଛାତ୍ରମାନେ କଲେଜରେ ପାଠ ପଢିବା ସହ ବୃକ୍ଷ ରୋପଣ ପାଇଁ ସମୟ ବାହାର କରି ନିଜ କଲେଜ ପରିସର ଓ ବାହାରେ ଏହି କାର୍ଯ୍ୟ କରୁଛନ୍ତି । ଏଥିପାଇଁ ସ୍ଥାନୀୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ମୂଲ୍ୟବାନ ଚାରା ଯୋଗାଇ ଦିଆଯାଉଛି। ଅଧ୍ୟାପକ ଅକ୍ଷୟ ବେହେରଦଳାଇ କହିଛନ୍ତି ଯେ ପ୍ରତିବର୍ଷ ଏହି ସମୟରେ ଛାତ୍ରୀଛାତ୍ରମାନେ ନିଜ କଲେଜରେ ଚାରା ରୋପଣ କରିବା ସହ ସେମାନଙ୍କ ଗ୍ରାମ ଓ ସାହିରେ ମଧ ଲୋକଙ୍କୁ ସଚେତନ କରି ବୃକ୍ଷରୋପଣ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିବା ସେ କହିଛନ୍ତି। ଦିନକୁ ଦିନ ଜଳବାୟୁର ପରିବର୍ତ୍ତନ ଯୋଗୁ ଅଞ୍ଚଳରେ ଅସହ୍ୟ ଗରମ ଗୁଳୁଗୁଳି ହେଉଛି କିନ୍ତୁ ଚାରା ରୋପଣ ଦ୍ୱାରା ଜଙ୍ଗଲ ସୃଷ୍ଟି ହେଲେ ଫଳ ମିଳିବା ସହ ଛାଇ ମଧ ମିଳିବ ଓ ଗରମରୁ ଆଶ୍ୱସ୍ତି ମିଳିପାରିବ ବୋଲି କୁହାଯାଇଛି।

# ଉତ୍କଳ ପାଣ ଖ୍ରୀଷ୍ଟିଆନ୍ ସମାଜ ପକ୍ଷରୁ ସରକାରଙ୍କୁ କୃତଜ୍ଞତା ଜ୍ଞାପନ

**ମୋହନା,୧୨।୭(ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ପିଣ୍ଡିକି ଗ୍ରାମରେ ଅବସ୍ଥିତ ସେଣ୍ଟ ଥୋମାସ ଚର୍ଚ୍ଚ ପରିସରରେ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ, ମୋହନା ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗତ ମେ' ମାସରେ ୫-ଟି ସଚିବ ଭି.କେ ପାଣ୍ଡିଆନ ୨ଦିନିଆ ଗଜପତି ଜିଲା ଗସ୍ତରେ ଆସି ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ୟା ବୁଝିବା ସହ ଲୋକେ ନିଜର ସମସ୍ୟା ନେଇ ସଚିବଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ଅବସରରେ ପିଣ୍ଡିକି ଚର୍ଚ୍ଚର ଉନ୍ନତିକରଣ ପାଇଁ ସେଣ୍ଟଥୋମାସ ଚର୍ଚ୍ଚ ପକ୍ଷରୁ ଲିଖିତ ଦରଖାସ୍ତ ଦିଆଯାଇଥିଲା। ରାଜ୍ୟ ସରକାର ଏହାକୁ ବିଚାରକୁ ନେଇ ସେଠାରେ କମ୍ୟୁନିଟି ସକାଶେ ସଭାଗୃହ ପାଇଁ ୧୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏହାକୁ ନେଇ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ସଭାପତି ଅଭୟ ପରିଚ୍ଛା, ଉପସଭାପତି ପ୍ରକାଶ ନାୟକ, ଜୁଲ୍ଲାନ ନାୟକ, ସମ୍ପାଦକ ପ୍ରଶାନ୍ତ ନାୟକ, ସହ ସମ୍ପାଦକ ବିଭୂତଚରଣ ମଳିକ, କୋଷାଧକ୍ଷ ଦେବାନନ୍ଦ ନାୟକ, ସହ କୋଷାଧକ୍ଷ ଅଜିତ କୁମାର ନାୟକ, ସୁକାନ୍ତ କୁଳଦୀପ, ପ୍ରମୋଦ ନାୟକ, ପାର୍ସକଲ ନାୟକଙ୍କ ସମେତ ବିଭିନ୍ନ ଧର୍ମାଞ୍ଚଳରୁ ପ୍ରାୟ ୧ହଜାରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।


ଉପସ୍ଥିତ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ କର୍ମକର୍ତ୍ତା ।

### ଶ୍ରୀରାମ ମନ୍ଦିର ନିର୍ମାଣ ନେଇ ଭୂମି ପୂଜନ

ପାରଳାଖେମୁଣ୍ଡି,୧୨।୭(ଗିରିଧାରୀ ପରିଛା): ପାରଳାଖେମୁଣ୍ଡିସ୍ଥିତ ରାମନଗରଠାରେ ଶ୍ରୀ ରାମମନ୍ଦିର ନିର୍ମାଣ ନେଇ ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ବହୁ ଦିନରୁ ଉକ୍ତ ଅଞ୍ଚଳରେ ରାମ ମନ୍ଦିର କରିବା ନେଇ ଆଲୋଚନା ଚାଲିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏକତ୍ରିତ ହୋଇ ଶ୍ରୀରାମ ମନ୍ଦିର ନିର୍ମାଣ କରିବା ପାଇଁ ଭୂମି ପୂଜନ କରିଥିଲେ। ସ୍ଥାନୀୟ ଯୁବକ କୋଟାଲା ଯୁବରାଜ, କେ. ନାରାୟଣ, ଭି. ମୋହନ, ପି. କ୍ରିଷ୍ଣା, ଜି. ନାଗେଶ ପ୍ରମୁଖଙ୍କ ସହ ଅନ୍ୟ ଯୁବକମାନେ ଏକତ୍ରିତ ହୋଇ ସମସ୍ତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା, କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ବିକ୍ଷୋଭ




ପାରଳାଖେମୁଣ୍ଡି,୧୨।୭ (ଗିରିଧାରୀ ପରିଛା): ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ନିଖିଳ ଓଡ଼ିଶା ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ହାଇସ୍କୁଲ ଛକଠାରୁ ଏକ ବିଶାଳ ରାଲି ବାହାରି ନଗର ପରିକ୍ରମା କରିବା ସହ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସମାନ ଗ୍ରେଡ-ପେ'କୁ ସମାନ ଦରମା ପ୍ରଦାନ, ସମସ୍ତଙ୍କୁ ପେନସନ ଓ ଅବସରକାଳୀନ ରାଶି ପ୍ରଦାନ, କର୍ମଚାରୀଙ୍କୁ ସପ୍ତମ ବେତନ ଦରମା ପ୍ରଦାନ, ବାଦ ପଡିଥିବା କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ଭଳି ୪ଟି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

# ୬୬୨ ବର୍ଗ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର


ଦାବିପତ୍ର ପ୍ରଦାନ କରାଯାଉଛି ।

**ଛତ୍ରପୁର,୧୨।୭(ସନ୍ତୋଷ ପାଢୀ):** ନିଖିଳ ଓଡିଶା ୬୬୨ ବର୍ଗ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ସମାନ ଗ୍ରେଡ୍ ପେ' ଆଧାରରେ ସମସ୍ତ ବର୍ଗର କର୍ମଚାରୀମାନଙ୍କୁ ସମାନ ଦରମା ପ୍ରଦାନ, ସମସ୍ତ କର୍ମଚାରୀଙ୍କୁ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରାଦନ ଓ ବାଦ୍ ପଡିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଆଦି ରହିଛି। ଜିଲା ସମ୍ପାଦକ ଶିଶିରକାନ୍ତ ବିଷୋୟୀଙ୍କ ଆବାହକତ୍ୱରେ ଜିଲାର ଏହି ବର୍ଗର ୪୨ଟି କଲେଜର ୨୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ଛତ୍ରପୁର କଲେଜ ଛକଠାରୁ ଏକ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ୨୦ ତାରିଖ ମଧ୍ୟରେ ଦାବି ପୂରଣ ନହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ଡ. ସୂର୍ଯ୍ୟନାରାୟଣ ଦାଶ ସୂଚନା ଦେଇଛନ୍ତି।

# ସମସ୍ୟା ବୁଝିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ

**ଖଜୁରିପଡ଼ା,୧୨।୭(ବିଦୁର ବେରୋ)**

ଭଙ୍ଗା ଦଦରା ଘରେ ରହୁଥିବା ଅସହାୟ ଯମୁନା କହଁର ପାଖରେ ବୁଧବାର ବଲସକୁମ୍ପା ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦ୍ମଚରଣ ମହାନ୍ତି ପହଞ୍ଚି ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଦେଖି ଯମୁନା ସମସ୍ତ ସମସ୍ୟା କହିଥିଲେ। ତାଙ୍କ ଶୋଚନୀୟ ଅବସ୍ଥା ଦେଖି ପଞ୍ଚାୟତ ନିର୍ବାହୀ ଅଧିକାରୀ ସରକାରୀ ସହାୟତା ପ୍ରଦାନ କରିବା ଦିଗରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ଏବଂ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ଖଜୁରିପଡ଼ା ବ୍ଲକର ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧିନନବଗୁବା (ଜମ୍ବୁସାହି) ଗ୍ରାମର ୬୦ ବର୍ଷୀୟ ଯମୁନା କହଁର ଏବଂ ତାଙ୍କ ଝିଅ ସ୍ୱର୍ଣ୍ଣ ୨୭ ଅତି ଦୟନୀୟ ଭାବରେ ଭଙ୍ଗା ଦଦରା ଘରେ ସାପ ବେଙ୍ଗ ସହିତ ରହୁଛନ୍ତି। ଘର ଅବସ୍ଥା ଶୋଚନୀୟ ଥିବା ଯୋଗୁ ବର୍ଷା, ଶୀତ, କାକରରେ ସାହି ପଡିଶା ସମ୍ପର୍କୀୟଙ୍କ ଘର ବାରଣ୍ଡାରେ ରହୁଛନ୍ତି। ଘର ଖଣ୍ଡେ ପାଇବା ଆଶାରେ ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଲିଖିତ ଭାବେ ଆବେଦନ କରିଥିଲେ କିନ୍ତୁ ଆଜି ଯାଏ ଘର ଖଣ୍ଡେ ପାଇବା ସାତ ସପନ ପାଲଟିଲା। ସରକାରୀ ସହାୟତା କହିଲେ ଚାଉଳ ୧୦ କିଲୋ ଏବଂ ବିଧବା ଭତ୍ତା ମିଳୁଛି। ସେଥିରେ ପରିବାର ଗୁଜୁରାଣ ମେଣ୍ଟାଇବାକୁ ପଡୁଛି। ୨୦୨୦ରେ ହୋଇଥିବା ଲଗାଣ ବର୍ଷା ପବନରେ ଘରର କାନ୍ଥ ସବୁ ଭୁଶୁଡ଼ି ଯାଇଛି ବୋଲି ଧରିତ୍ରୀ ଖବରକାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତତ୍କାଳୀନ ବିଡ଼ିଓ, ତହସିଲଦାର, ସରପଞ୍ଚ, ବ୍ଲକ ଅଧକ୍ଷ, ଉପାଧକ୍ଷ, ରାଜସ୍ୱ ନିରୀକ୍ଷକ ଅଧିକାରୀ ସମସ୍ତେ ଆସି ଦେଖିବା ପରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏବେ ଯାଏ ଘର ଖଣ୍ଡେ ପାଇବାଟା ତ ଦୂରର କଥା ଘର ପାଇବା ପାଇଁ ଥିବା ସମ୍ଭାବ୍ୟ ତାଲିକାରେ ଯମୁନାର ନାଁ ନାହିଁ। ତଥାପି ଯମୁନା ଭାଙ୍ଗି ନ ପଡ଼ି ପୁଣି ଥରେ ଘର ପାଇଁ ଆଉ ଏକ ଦରଖାସ୍ତ ଲେଖି ବିଡିଓ ଉଦ୍ଦେଶ୍ୟରେ ମୁଖ୍ୟ କିରାଣୀଙ୍କୁ ସାକ୍ଷାତ କରି ଦେଇଥିଲେ। ତେଣୁ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହି ଗରିବ ପରିବାରଙ୍କୁ ଘର ଖଣ୍ଡେ ଯୋଗାଇ ଦେବାକୁ ଅଞ୍ଚଳବାସି ମଧ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଭଙ୍ଗା ଘରେ ଅସହାୟା ଯମୁନା


ଯମୁନାଙ୍କ ସହ ଆଲୋଚନା କରୁଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ।

## ସଂକ୍ଷେପରେ

### ନୂତନ କୃଷି ଜିଲା ଅଧିକାରୀଙ୍କ ଦାୟିତ୍ୱଗ୍ରହଣ

ଜି.ଉଦୟଗିରି,୧୨।୭(ପି.ସଞ୍ଜୀବ କୁମାର ପାତ୍ର) କୃଷି ଜିଲା ଅଧିକାରୀ ଭାବେ ସୁବାସ ଚନ୍ଦ୍ର ବେହେରା ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। ପୂର୍ବରୁ ଅବସ୍ଥାପିତ କୃଷି ଜିଲା ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀଙ୍କ ବୌଦ୍ଧ ଜିଲାର ମୁଖ୍ୟ କୃଷି ଅଧିକାରୀ ଭାବେ ପଦୋନ୍ନତି ହୋଇ ବଦଳି ହୋଇଥିବା ବେଳେ ସେହି ପଦବୀର ଅତିରିକ୍ତ ଦାୟିତ୍ୱରେ ଚକାପାଦ ଗୋଷ୍ଠୀ କୃଷି ଅଧିକାରୀ ହେମନ୍ତ କୁମାର ଦାସ ଦାୟିତ୍ୱରେ ଥିବା ବେଳେ ବୁଧବାର ବିହନ ନିଗମ ସଂସ୍ଥାର ମଣ୍ଡଳ ପରିଚାଳକଙ୍କ ପଦୋନ୍ନତି ହୋଇ ଜି.ଉଦୟଗିରି କୃଷି ଜିଲା ଅଧିକାରୀ ଭାବେ ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି। କାର୍ଯ୍ୟାଳୟରେ ବୁଧବାର ସମସ୍ତ କର୍ମଚାରୀ ବେହେରାଙ୍କୁ ସ୍ୱାଗତ କରିଥିଲେ। ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ସରକାରଙ୍କ ଚାଷୀ ପାଇଁ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି ତାର ସଫଳ ରୂପାୟନ ପାଇଁ ସର୍ବଦା ଚେଷ୍ଟା ଜାରୀ ରହିବ।

### ଅଧାରେ ଅଟକିଛି ଟାଉନ ହଲ ମରାମତି

ରାଇକିଆ,୧୨।୭(ପ୍ରଦୀପ କୁମାର ବେହେରା) ରାଇକିଆ ଟାଉନ ହଲର ମରାମତି କାମ ଅଧାରେ ଅଟକିଛି। ସହରବାସୀ ପାଇଁ ସଭା ସମିତିଠାରୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ସବୁକିଛି ଏହି ଟାଉନ ହଲରେ ହିଁ ଅୟୋଜନ ହେଉଥିଲା। ଗତ ୨୦୨୨ ପ୍ରାରମ୍ଭରୁ ଏହାକୁ ମରାମତି ନାଁରେ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଗଲା। ପରବର୍ତ୍ତୀ ସମୟରେ କେବଳ ଫାଉଣ୍ଡେଶନ କାର୍ଯ୍ୟ ହିଁ ସମ୍ପାଦନ ହୋଇଛି। ଏ ନେଇ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକଙ୍କୁ ପଚାରିବାରୁ ଟାଉନ ହଲକୁ କୌଣସି ଯୋଜନା ପ୍ରସ୍ତୁତ ନ କରି ଆବଶ୍ୟକ ଅର୍ଥ ବ୍ୟବସ୍ଥା ନ କରି ଭାଙ୍ଗି ଦିଆଗଲା। ବର୍ତ୍ତମାନ ଟଙ୍କା ନଥିବା ଦର୍ଶାଇ କାମ ବନ୍ଦ କରି ଦିଆଯାଇଛି। ଫଳରେ ଲୋକମାନେ ଜରୁରୀ କାର୍ଯ୍ୟକ୍ରମ ଅୟୋଜନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେ ବିଡିଓଙ୍କ ସହ ଆଲୋଚନା କରିବା ସହ ଏହାର କାମ ତୁରନ୍ତ ସାରିବାକୁ ଦାବି ଜଣାଇଛନ୍ତି।

### ଯୁବ ରେଡକ୍ରସ ପକ୍ଷରୁ ୩ଦିନିଆ ତାଲିମ

ପାରଳାଖେମୁଣ୍ଡି, ୧୨।୭ (ଗିରିଧାରୀ ପରିଚ୍ଛା) : ପାରଳାଖେମୁଣ୍ଡି ସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେଜ ଯୁବ ରେଡକ୍ରସ ଓ ଗଜପତି ଜିଲା ରେଡକ୍ରସ ସମିତି ପକ୍ଷରୁ ୩ଦିନିଆ ତାଲିମ ଶିବିର କଲେଜର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ଅନୁମୋଦନ କ୍ରମେ ଆୟୋଜନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ବିଜ୍ଞାନ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବି. ଗୋବିନ୍ଦ ରାଓ ଯୋଗଦେଇ ଆସୁ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ କିପରି ଭାବରେ ଗୁରୁତ୍ୱ ବହନ କରେଜ ସେ ଉପରେ କହିଥିଲେ। ରେଡକ୍ରସ ପରାମର୍ଶଦାତା ତଥା ଆବାହକ ସମ୍ପାଦକ ସୁକାନ୍ତ କୁମାର ବେହେରା ସମସ୍ତଙ୍କୁ କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଯୁବ ରେଡକ୍ରସ କାଉନସିଲର ଡ. ପରମାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାଉନସିଲର ଡ. ସ୍ନେହପ୍ରଭା ପଣ୍ଡା, ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ, ସେକ୍ସନ ଅଧିକାରୀ ପ୍ରମୁଖଙ୍କ ସମେତ ବିଭିନ୍ନ କଲେଜର ରେଡକ୍ରସ ଅଧିକାରୀ ଓ ସଦସ୍ୟମାନେ ସହଯୋଗ କରିଥିଲେ।

# ସୂଚନା, ପ୍ରଯୁକ୍ତିବିଦ୍ୟା ଉପଦେଷ୍ଟାଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଫୁଲବାଣୀ, ୧୨।୭(ରାକେଶ କୁମାର ରାଉତ)



ବାଲିଗୁଡାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧିକାରୀମାନେ।

କନ୍ଧମାଳ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଥିବା ରାଜ୍ୟ ଇଲେକ୍ଟ୍ରୋନିକ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଉପଦେଷ୍ଟା ଅନୁଭବ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ଶେଷ ହୋଇଛି । ପ୍ରଥମ ଦିନରେ ଖଜୁରିପଡ଼ା, ଫୁଲବାଣୀ, ଟିକାବାଲି ଓ ଚକାପାଦ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୋ ସେବା କେନ୍ଦ୍ର, ଓସ୍ୱାନ୍ କକ୍ଷ, ଭିସି ହଲ୍, ୫-ଟି ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକର ଇଣ୍ଟରନେଟ୍ ସଂଯୋଗ, ନାଗରିକ ସେବା, ଆଧାର କେନ୍ଦ୍ର ଆଦିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କ ସହ ଜିଲାର ଇଣ୍ଟରନେଟ୍ ସମସ୍ୟା ଉପରେ ଆଲୋଚନା କରିଥିଲେ। ଭାରତ ନେଟ୍ ସ୍କିମ୍‌ରେ ପ୍ରତି ପଞ୍ଚାୟତକୁ ସଂଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସରକାର ଏବେ ୨୦୦ ପାଖାପାଖି ଇ-ସେବା ଛାଡ଼ିଛନ୍ତି। ଯାହା ମୋ ସେବା କେନ୍ଦ୍ର ମାଧ୍ୟମରେ କରାଯିବ। ଆଗକୁ ଆଉ ୨୦୦ ଇ-ସେବା ଛଡ଼ାଯିବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି। ସେଥିପାଇଁ ଇଣ୍ଟରନେଟ୍ ସଂଯୋଗ ନିହାତି ଆବଶ୍ୟକ। ପ୍ରତି ପଞ୍ଚାୟତରେ ମୋ ସେବା କେନ୍ଦ୍ର ଖୋଲାଯିବ। ସେଠାରେ ବ୍ୟାଙ୍କ ସେବା ମଧ୍ୟ ଉପଲବ୍ଧ ହେବ। ଫଳରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ଲୋକମାନେ ଏହି ସେବା ପାଇପାରିବେ ବୋଲି ସେ କହିଥିଲେ। ସେହିପରି ବୁଧବାର ଦ୍ୱିତୀୟ ଦିନରେ ବାଲିଗୁଡ଼ା, କ. ନୂଆଗାଁ ଓ ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟରେ ଥିବା ମୋ ସେବା କେନ୍ଦ୍ର, ଓସ୍ୱାନ୍ କକ୍ଷ, ଭିସି ହଲ୍, ଆଧାର କେନ୍ଦ୍ର ଆଦିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରୀଛାତ୍ରମାନଙ୍କ ସହିତ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ। ଶେଷରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଇଣ୍ଟରନେଟ୍ ସଂଯୋଗ, ଲେବର କାର୍ଡ ମିଳିବାରେ ବିଳମ୍ବ ହେଉଥିବା ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଡ. ରତିକାନ୍ତ ଆଚାର୍ଯ୍ୟ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରୀ, ବିଏସ୍‌ଏନ୍‌ଏଲ ଏସ୍‌ଡିଓ, ଇ-ଗଭର୍ନାନ୍ସ ମ୍ୟାନେଜର୍ ରୀତାଶ୍ରୀ ବାରିକ୍, ଓକାକ୍ ଅଧିକାରୀ ବିକାଶ କୁମାର ନାୟକ, ମୋ ସେବା କେନ୍ଦ୍ର ଓଡ଼ିଶା ମୁଖ୍ୟ ସୁରଥ ଜେନା, ଜିଲା ମ୍ୟାନେଜର୍ ଗୋଲକ ବିହାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ।

ଆସିକା,୧୨।୭(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ବୁଧବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, କଲେଜ ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ମୁଖ୍ୟବକ୍ତା ଏବଂ କଲେଜର ପୂର୍ବତନ ଛାତ୍ର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଜାନି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ୧୯୬୮ରେ ତତ୍କାଳିନ ବିଧାୟକ ସ୍ୱର୍ଗତ ହରିହର ଦାଶ, ଏମ୍‌ପି ସ୍ୱର୍ଗତ ଦୂତୀକୃଷ୍ଣ ପଣ୍ଡା, ଶିକ୍ଷାମନ୍ତ୍ରୀ ସ୍ୱର୍ଗତ ବନମାଳି ପଟ୍ଟନାୟକ ଓ ଗଞ୍ଜାମ ଜିଲାପାଳ ସ୍ୱର୍ଗତ ରାମଚନ୍ଦ୍ର ପାତ୍ରଙ୍କ ପ୍ରଚେଷ୍ଟାରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାରୁ ଅତିଥିମାନେ ସେମାନଙ୍କ ସ୍ମୃତି ଚାରଣ କରିଥିଲେ । ଏକଦା ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ସୁନାମ ଅର୍ଜିଥିବା ଏହି ମହାବିଦ୍ୟାଳୟର ସୁନାମକୁ ବଜାୟ ରଖିବା ନିମନ୍ତେ ଛାତ୍ରୀଛାତ୍ର ଶୃଙ୍ଖଳିତ ପରିବେଶ ସୃଷ୍ଟି ସହ ଅଧ୍ୟୟନ ଲାଗି ସଂକଳ୍ପବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୧୫ ଜଣ ହିନ୍ଦୀ ଏବଂ ୧୨ଜଣ ରାଜନୀତି ବିଜ୍ଞାନ, ଇଂରାଜୀ ଏବଂ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଅଧ୍ୟାପିକା ସସ୍ମିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ଦେବବ୍ରତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଡ. ଅଭୟ କୁମାର ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ।

# ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ

ଜଗନ୍ନାଥପ୍ରସାଦ,୧୨।୭(ବିଭୁପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ଖମାରପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ୨୦୨୬ ମସିହା ବେଳକୁ ଯେଉଁମାନେ ତୃତୀୟ କିମ୍ବା ଦ୍ୱିତୀୟ ଶ୍ରେଣୀରେ ପଢୁଥିବେ ସେମାନଙ୍କ ଜ୍ଞାନକୁ ବିକାଶ କରିବା ତଥା ଗଣିତର ଯୋଗ, ବିୟୋଗ, ଗୁଣନ ଓ ହରଣକୁ ସହଜ କରିବା ପାଇଁ ସରକାରଙ୍କ ଏହି ପ୍ରୟାସ। ଏହି ଉଦ୍ଦେଶ୍ୟରେ ଖମାରପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଏକ ସୁସଜ୍ଜିତ ଶିକ୍ଷା କୋଠରୀର ଉଦଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥପ୍ରସାଦ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ସାହୁ, ବ୍ଲକ ବିଡ଼ିଓ ଅନୁପ କୁମାର ପଣ୍ଡା, ବିଇଓ କଲ୍ୟାଣି ପାଢ଼ୀ, ମୁଖ୍ୟବକ୍ତା ପ୍ରଦୀପ କୁମାର ପଟ୍ଟନାୟକ, ସରପଞ୍ଚ ସାଇରାମ ଆରୁଖ, ସମିତି ସଭ୍ୟା ସାବିତ୍ରୀ ସାହୁ, ଏବିଇଓ ମନୋରଞ୍ଜନ ମିଶ୍ର, ସବିତା ମଲିକ, ପଣ୍ଡିତ ଅନ୍ନଦା ତ୍ରିପାଠୀ, ପ୍ରଦୀପ କୁମାର ପ୍ରଧାନ ଓ ପ୍ରଧାନ ଶିକ୍ଷକ ଜଗନ୍ନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅମୃତ ହସ ସମ୍ମାନ ପାଳନ ଅବସରରେ ଅଞ୍ଚଳର ୭ ଜଣ ବିଭିନ୍ନ ଲୁକ୍କାୟିତ କଳାର ଅଧିକାରୀ ଗବେଷକ ତଥା ସାହିତ୍ୟିକ ଡ଼ଃ ପ୍ରଦୀପ କୁମାର ପଟ୍ଟନାୟକ, ଭଞ୍ଜ ସଙ୍ଗୀତ ପ୍ରଚାରକ ଅଶୋକ କୁମାର ମହାପାତ୍ର, ସଙ୍ଗୀତ ଗୁରୁ କାଳୁ ସାହୁ, ପରିବେଶବିତ ପର୍ଶୁରାମ ପ୍ରଧାନ, ଦାସ କାଠି ଗାୟକ ସୁବାଷ ଚନ୍ଦ୍ର ବେହେରା ଓ ସହଯୋଗୀ ପାଳିଆ ଜଗନ୍ନାଥ ନାୟକ ଓ ଆନ୍ତର୍ଜାତୀୟ ଯୋଗ ପ୍ରଶିକ୍ଷକ ସିଦ୍ଧାର୍ଥ ଶଙ୍କର ଆରୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସ୍କୁଲ ହତା ମଧ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# କେରେଡାଙ୍ଗ ଶିବ ମନ୍ଦିରକୁ ଅନୁଦାନ

ନୂଆଗଡ଼,୧୨।୭(ପପୁନ ପରିଚ୍ଛା)

ନୂଆଗଡ଼ ବ୍ଲକ କେରେଡାଙ୍ଗ ଗ୍ରାମର ଶିବ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏକ ଧନ୍ୟବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ବ୍ଲକ ସଭାପତି ଯୋହନ ମାଝି, ଏମ୍‌ପି ପ୍ରତିନିଧି ବିନୟ କୁମାର ପାଣି (ରିଙ୍କୁ), ଜିଲା ଉପସଭାପତି ଜେମ୍ସ ରାଇକା, ଜିଲା ସମ୍ପାଦକ ଯକ୍ଷୀୟ ମଣ୍ଡଳ, ଆର.ଉଦୟଗିରି ବ୍ଲକ ସଭାପତି ଭୀମ ପାଇକ, ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ପୂଜାରୀ, ସମିତିସଭ୍ୟା କନ୍ଧୁଣି ବେହେରା,ଏସଡିସି ପ୍ରଦସ୍ୟ ଗଣ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ବରିଷ୍ଠ ବିଜେଡି କର୍ମୀ କ୍ରୀଷ୍ଟା ନାୟକ, ଶରତ ଲିମା ଏବଂ ବିଜେଡି କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ ପାଣ୍ଡିଆନ ମେ ମାସରେ ଦୁଇଦିନିଆ ଗଜପତି ଜିଲା ଗସ୍ତ କରିଥିଲେ। ସେହିଭଳି କେରେଡାଙ୍ଗ ଗ୍ରାମର ଶିବ ମନ୍ଦିର ନିର୍ମାଣ କାର୍ଯ୍ୟ ନିମନ୍ତେ ସହାୟତା ରାଶି ନିମନ୍ତେ ଲିଖିତ ଭାବେ ଜଣାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଚର୍ଚ୍ଚ ଏବଂ ମନ୍ଦିର ନିମନ୍ତେ ୨କୋଟି ୭୯ଲକ୍ଷ ଟଙ୍କା ଅନୁମୋଦନ ଭେଟି ଦେଇଛନ୍ତି। ସେଥିରେ କେରେଡାଙ୍ଗ ଶିବ ମନ୍ଦିର ପୁନରୁଦ୍ଧାର ନିମନ୍ତେ ୧୦ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି ରାଜ୍ୟ ସରକାର। ତେଣୁ କେରେଡାଙ୍ଗ ଗ୍ରାମବାସୀ ଏବଂ ମନ୍ଦିର କମିଟି ତରଫରୁ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସଭାପତି କୈଳାସ ମହାନ୍ତି, ସମ୍ପାଦକ ମାଧବ ପ୍ରସାଦ ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡା,୧୨।୭(କାଳି ଚରଣ ଦାଶ)

ବୁଗୁଡା ଏନ୍‌ଏସି କଲ୍ୟାଣୀ ମଣ୍ଡପ ପରିସରରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ବିଷୟରେ ମିଶନ ଶକ୍ତି ଗୋଷ୍ଠୀ ଓ ପୌର ଅଧିକାରୀଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଏକଦିବସୀୟ କାର୍ଯ୍ୟକ୍ରମକୁ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ଏବଂ କାଉନସିଲରବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗୀୟ ଯୁଗ୍ମ ସଚିବ ସାରଦା ପ୍ରସାଦ ପଣ୍ଡା ଭିଡିଓ କନଫରେନ୍ସ ଜରିଆରେ ୱାର୍ଡ ଅଫିସ ପରିଚାଳନା କମିଟି ଓ ୱାର୍ଡ ସଂଯୋଜିକାମାନଙ୍କୁ ମୁକ୍ତାର ସଫଳ ରୂପାୟନ ନିମନ୍ତେ ଦକ୍ଷତା ବିକାଶର ମାର୍ଗ ଦର୍ଶନ କରିଥିଲେ। ଏଥି ସହ ରାଜ୍ୟ ମିଶନ ପରିଚାଳକ ପ୍ରସନ୍ନ କୁମାର ମହାରଣା ଓ ନଗର ମିଶନ ପରିଚାଳକ ପବିତ୍ର କୁମାର ନାୟକ ସାଧନ କର୍ମୀ ଭାବେ ଯୋଗଦେଇ ଏନ୍‌ଏସି ଅନ୍ତର୍ଗତ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୁକ୍ତା ସଂଯୋଜକ ସର୍ବେଶ୍ୱର ବାରିକ ପରିଚାଳନା କରିଥିବା ବେଳେ ଦ୍ୱିତୀକୃଷ୍ଣ ସାହୁ ଓ ସଙ୍କେତ କୁମାର ପାଣିଗ୍ରାହୀ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ

ଜି.ଉଦୟଗିରି,୧୨।୭(ଶିଶିର ପଟ୍ଟନାୟକ):


ଶିବିରରେ ରକ୍ତଦାନ କରୁଥିବା ଜଣେ ମହିଳା ଓ ଅନ୍ୟମାନେ ।

କନ୍ଧମାଳ ଜିଲା ରେଡକ୍ରସ ଅଧ୍ୟକ୍ଷ ତଥା ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏନଏସି କାର୍ଯ୍ୟାଳୟ ତରଫରୁ ବୁଧବାର ସ୍ଥାନୀୟ ଟାଉନହଲଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ ଉଦଘାଟନ କରିଥିବା ବେଳେ ମୁକ୍ତା ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ତୃତୀୟ ଲିଙ୍ଗ କିନ୍ନର ଝୁମୁକା ନାୟକ ପ୍ରଥମେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ଫୁଲବାଣୀ ବ୍ଲଡ ବ୍ୟାଙ୍କ ଡାକ୍ତର ଓ ତାଙ୍କ ଟିମର ଉପସ୍ଥିତିରେ କଳିଙ୍ଗ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବପିଢ଼ି, ସ୍ୱେଚ୍ଛାସେବୀ, ସ୍ୱଚ୍ଛ ସାଥୀ, ସାଧାରଣ ନାଗରିକ, ଏନଏସି କର୍ମଚାରୀ ରକ୍ତଦାନ କରିଥିଲେ। ସମୁଦାୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦର ସମସ୍ତ କାଉନସିଲ, ସିଓ କେ.ଜୀବନ ଜ୍ୟୋତି ପାତ୍ର, କନିଷ୍ଠ ଯନ୍ତ୍ରୀ ସସ୍ମିତା ବେହେରା, ସୁଶାନ୍ତ ସାହୁ, ବରିଷ୍ଠ ସହାୟକ ସତ୍ୟପ୍ରକାଶ ମହାପାତ୍ର, କନିଷ୍ଠ ସହାୟକ ସୁନ୍ଦରା ସୋରେନ, ମୁକେଶ ରଞ୍ଜନ ନାୟକ, ପ୍ରଦୀପ କୁମାର ଶତପଥୀ, ଗଣେଶ ଜେନା, ସୁମ୍ରନ୍ ଆରୁଖ, ରଘୁନାଥ ଆରୁଖ, ବାବୁଲା ଦାସ, ଯୋଗେଶ୍ୱର ପୁଷ୍ପା ରେଡ୍ଡୀ, ଚିନ୍ମୟ ଜେନା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିବା ବେଳେ ବିବେକା ନନ୍ଦ ସାମଲ, ଚୈତନ୍ୟ ମୁଖି, ସୁଦୟ ବେହେରା ସହଯୋଗ କରିଥିଲେ।

# ଆଦିବାସୀଙ୍କ ସମସ୍ୟା ବୁଝିଲେ ଜିଲାପାଳ

ମୋହନା/ଅଡବା,୧୨।୭(ମନ୍ମଥ ମିଶ୍ର)

ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୋହନା ବ୍ଲକ ଗସ୍ତ କରି ହୁଏରିରେ ବସବାସ କରୁଥିବା ଆଦିବାସୀ ସଂପ୍ରଦାୟର ମହିଳା ଓ ପୁରୁଷଙ୍କୁ ଭେଟି ଆବାସ ଘର, ରାଶନକାର୍ଡ, ପାନୀୟ ଜଳ ଓ ରାସ୍ତାଘାଟ ଉପରେ ପଚାରି ବୁଝିଥିଲେ। ଏହାପରେ ପଞ୍ଚାୟତର ଗାଣ୍ଡାପଦର, ଖାରିଗୁଡା ଗ୍ରାମ ପରିଦର୍ଶନ କରିବା ସହ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଟୋ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଲୋକମାନଙ୍କୁ ଭେଟି ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ମୋହନା ସମିତିସଭ୍ୟ ବାଳକୃଷ୍ଣ ମଲିକ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାନୀୟ ଜଳ, କର୍ମଚାରୀମାନେ ଅସୁବିଧାରେ ରହିବା, ରୋଗୀମାନଙ୍କ ଶୌଚାଳୟ କଥା କହିଥିଲେ। ଅଡବା ପଞ୍ଚାୟତର ଡୁମିଗୁଡା ଗ୍ରାମଠାରେ ମତ୍ସ୍ୟଜୀବୀଙ୍କ ସହ ବିଭିନ୍ନ ବିଷୟ ନେଇ ଆଲୋଚନା କରିଥିଲେ।

# ବିଦ୍ୟାଳୟ ନିକଟରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

ପାରଳାଖେମୁଣ୍ଡି, ୧୨।୭ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ୱାର୍ଡ ନମ୍ବର ୧୧ ଅନ୍ତର୍ଗତ ମହାରାଜାଙ୍କ ଓଡିଆ ବାଳିକା ଉପ୍ରା ବିଦ୍ୟାଳୟ ନିକଟରେ ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିବା ଦେଖିବାକୁ ମିଳିଛି । ଏହି ଟ୍ରାନ୍ସଫର୍ମରଟି ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ବେଳେ ଲଟାବୁଦା ଘେରରେ ଦୟନୀୟ ଅବସ୍ଥାରେ ରହିଛି। ସହରରେ ବିଦ୍ୟୁତ ସେବା ସଠିକ କରିବା ତଥା ରକ୍ଷଣାବେକ୍ଷଣ ପାଇଁ ଟିପିଏସଓଡିଏଲ ପକ୍ଷରୁ ବାରମ୍ବାର ବିଦ୍ୟୁତ କାଟ କରାଯାଉଛି। ହେଲେ ଏହି ଟ୍ରାନ୍ସଫର୍ମରଟିକୁ ଦେଖିଲେ କିପରି ରକ୍ଷଣାବେକ୍ଷଣ କରାଯାଉଛି ତାହା ସହଜେ ଅନୁମେୟ। ଏଠାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଅବସ୍ଥା ଏପରି ଦୟନୀୟ ରହିଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି । ଏହି ଟ୍ରାନ୍ସଫର୍ମଟି ଲଟାବୁଦା ପରିପୂର୍ଣ୍ଣ ଏବଂ ବିଦ୍ୟାଳୟ ପାଚେରିକୁ ଲାଗି ଥିବାରୁ ବିପଦ ଆଶଙ୍କା ବୃଦ୍ଧି ପାଇଛି। ଯେ କୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରିବ ନାହିଁ। ତେଣୁ ବିଭାଗ ପକ୍ଷରୁ ଉକ୍ତ ଟ୍ରାନ୍ସଫର୍ମର ନିକଟରେ ସୁରକ୍ଷା ପାଚେରି ନିର୍ମାଣ ସହ ଆବଶ୍ୟକୀୟ ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ମୋ ଘର ଯୋଜନାର ଶୁଭାରମ୍ଭ

ଛତ୍ରପୁର,୧୨।୭(ସନ୍ତୋଷ ପାଢ଼ୀ):



ଜଣେ ହିତାଧିକାରୀଙ୍କୁ 'ମୋ ଘର' ଯୋଜନାର ଚେକ୍ ବଣ୍ଟନ କରାଯାଉଛି ।

ଗଞ୍ଜାମ ଜିଲାରେ 'ମୋ ଘର' ଯୋଜନାରେ ନୂତନ ଗୃହ ନିର୍ମାଣ ସକାଶେ ଆବେଦନ କରିଥିବା ହିତାଧିକାରୀଙ୍କୁ ବ୍ୟାଙ୍କ ଋଣ ସହିତ ସରକାରଙ୍କ ସବସିଡି ରାଶିକୁ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ବୁଧବାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଜିଲାର ପ୍ରଥମ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗୃହ ନର୍ମାଣ ସକାଶେ ଆବେଦନ କରିଥିବା ହିଞ୍ଜିଳୀକାଟୁ ବ୍ଲକର ବୁରୁପଡା ପଞ୍ଚାୟତର ପୋଡଙ୍ଗି ଗ୍ରାମର ହିତାଧିକାରୀ ସୁମତି ଦାସଙ୍କୁ ପ୍ରଥମ କିସ୍ତି ରାଶି ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସୁମତି ଦାସ ଜଣାଇଛନ୍ତି ଯେ, ଷ୍ଟେଟବ୍ୟାଙ୍କ ଋଣ ସହ ସରକାରଙ୍କ ସବସିଡି ରାଶିକୁ ନେଇ ଯଥା ଶୀଘ୍ର ଗୃହ ନିର୍ମାଣ ଶେଷ କରିବେ ଓ ବ୍ୟାଙ୍କ ଋଣ ମଧ୍ୟ ଠିକ ସମୟ ପୂର୍ବରୁ ପରିଶୋଧ କରିବେ। ଏହି କାର୍ଯ୍ୟକ୍ରମ ବେଳେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କୀର୍ତ୍ତିଭାଷନ ଭି , ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତା କୁମାର ଜେନା, ହିଞ୍ଜିଳିକାଟୁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ସୌର୍ଯ୍ୟକାନ୍ତ ପଟ୍ଟନାୟକ, ବ୍ୟାଙ୍କ କ୍ଷେତ୍ର ଅଧିକାରୀ ସୁଶାନ୍ତ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରାବଣରେ ଜମି ଶୁଖିଲା, ଚାଷୀକୁଳ ହତାଶ

ବାଲିଗୁଡା,୧୨।୭(ସଞ୍ଜୟ କୁମାର ପାଣିଗ୍ରାହୀ)


ଧାନ ଜମିରେ ଗୃହପାଳିତ ପଶୁ ଚରୁଛନ୍ତି ।

ଆଷାଢ ସରି ଶ୍ରାବଣ ଚାଲିଲାଣି। ହେଲେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଘୋର ବାଧାପ୍ରାପ୍ତ ହୋଇଛି। ମୌସୁମୀ ବାୟୁ ଦୁର୍ବଳ ହେତୁ ବର୍ଷାର ପରିମାଣ କମ୍ ରହିଛି। ପାଣି ଅଭାବ ଯୋଗୁଁ ଚାଷୀକୂଳ ହତାଶ ହୋଇପଡ଼ିଛି। ଧାରା ଶ୍ରାବଣରେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଗେଇ ପାରୁନି ଚାଷ କାମ। ବର୍ଷାର ଆଗମନ ଦେଖି ଚାଷୀ ଧାନ ବିହନ ସଂଗ୍ରହ କରି ତଳି ପକାଇଥିଲେ। କିନ୍ତୁ ବର୍ଷା ହେଉନଥିବାରୁ ଏବେ ସେ ସବୁ ତଳି ମରିବାକୁ ବସିଲାଣି। ବୁଣା ଯାଇଥିବା ତଳି ବିଲ ମଧ୍ୟ ଫାଟି ଆଁ କଲାଣି। ତେଣୁ ତଳିକୁ ବଞ୍ଚାଇବା ପାଇଁ ଚାଷୀ ନୂଆ ଓ କେଉଁ ଖାଲ ଜମିରୁ ପାଣି ସଂଗ୍ରହ କରି ବିଲରେ ଛିଞ୍ଚୁଛି। କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ସମେତ ଆଖପାଖ ତୁମୁଡିବନ୍ଧ, କୋଟଗଡ, କ.ନୂଆଗାଁ ଭଳି ଆଖପାଖ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏବେସୁଦ୍ଧା ୫୦ ପ୍ରତିଶତ ଧାନ ଜମି ରୁଆ ସରିବାକୁ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଦୌ ଧାନ ଚାଷ ଆଗେଇ ପାରୁନାହିଁ। ଫଳରେ ଚିନ୍ତାରେ ପଡିଛି ଚାଷୀ। ଜମିରେ ଗାଈ ଚରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ପରିମାଣରେ ବର୍ଷା ନ ହୁଏ ତେବେ ବୁଣାଯାଇଥିବା ତଳି ନଷ୍ଟ ହୋଇଯିବ ଆଉ ତଳି ପକାଇବା ପାଇଁ ବିହନ ମୁଠେ ବି ମିଳିବ ନାହିଁ। କିଛି ଦିନ ତଳେ ଭଲ ବର୍ଷା ହୋଇଥିଲା। ହେଲେ ହଠାତ୍ ବର୍ଷା ଗାଏବ ହୋଇ ପ୍ରବଳ ଖରା ଓ ଗରମ ହେଉଥିବା କାରଣରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଯାହାକୁ ନେଇ ଧାନ ଚାଷୀ ଆଶା ଓ ଆଶଙ୍କାରେ ଗତି କରୁଥିବା ବେଳେ ଏ ସବୁ ଅଞ୍ଚଳରେ ଧାନ ଜମି ପଡିଆ ପଡିଛି। ଯାହାଦ୍ୱାରା ଧାନ ଜମି ପାଲଟିଛି ଗୃହପାଳିତ ପଶୁଙ୍କ ଚାରଣ ଭୂମି। ସେପଟେ କେନାଲ ଗୁଡ଼ିକରେ ଘାସ ଏବଂ ଅନାବନା ଗଛ ଉଠି କେନାଲ ସଙ୍କୁଚିତ ହୋଇପଡିଛି। ଏନେଇ ଧାନଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାଜ୍ୟ ଜଳ ସମ୍ପଦ ବିଭାଗ ତୁରନ୍ତ କେନାଲ ପାଣି ଯୋଗାଇ ଦେବା ପାଇଁ ଦାବି ହୋଇଛି।

**ଅଟୋ ଦୁର୍ଘଟଣା, ଜଣେ ଶିଶୁ ସମେତ ୭ ଆହତ**

**ମୋହନା,(ମନ୍ମଥ ମିଶ୍ର):** ମୋହନା ଥାନା ଅନ୍ତର୍ଗତ ଲୁଡ୍ରୁ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଶିଶୁ ସମେତ ୭ଜଣଙ୍କୁ ଆଘାତ ଲାଗିଛି। ଗୋବିନ୍ଦପୁର ଗ୍ରାମକୁ କୌଣସି କାମରେ କିଛି ଲୋକ ମୋହନାକୁ ଫେରୁଥିବା ବେଳେ ଅଟୋଟି ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ୧୦୮ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୋହନା ଗସ୍ତରେ ଆସିଥିବା ଗଜପତି ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ମାନଙ୍କ ସୁବିଧା ଅସୁବିଧା ସଂପର୍କରେ ପଚାରି ବୁଝିଥିଲେ।



## ସଂକ୍ଷେପରେ

### ଏମ୍‌କେସିଜିରେ ମୋବାଇଲ ଫୋନ୍ ଲାଇଟ୍‌ରେ ଚିକିତ୍ସା

**ବ୍ରହ୍ମପୁର, ୧୨।୭ (ସୁବାସ ଚନ୍ଦ୍ର ପାଢ଼ୀ):** ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲର କାଜୁଆଲିଟିରେ ବିଦ୍ୟୁତ ବିଭ୍ରାଟ ହୋଇଥିବା ବେଳେ ଜଣେ ଡାକ୍ତର ମୋବାଇଲ ଫୋନ ଟର୍ଚ୍ଚରେ ରୋଗୀ ଦେଖୁଥିବା ଭିଡିଓ ଭାଇରାଲ ହେଉଛି। ରୋଗୀ ଜଣକ ଷ୍ଟ୍ରେଚରରେ ଶୋଇଥିବା ବେଳେ ତାଙ୍କ ସମ୍ପର୍କୀୟ ମୋବାଇଲ ଫୋନରେ ଥିବା ଟର୍ଚ୍ଚ ଦେଖାଉଛନ୍ତି। ଉକ୍ତ ଟର୍ଚ୍ଚ ଆଲୁଅରେ ଡାକ୍ତର ରୋଗୀଙ୍କୁ ସାଲାଇନ ଦେଉଛନ୍ତି। ଦୀର୍ଘ ସମୟ ଧରି ବିଦ୍ୟୁତ ସେବା ବିଚ୍ଛିନ୍ନ ଯୋଗୁ ଡାକ୍ତର ରୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ମୋବାଇଲ ଫୋନ୍ ଟର୍ଚ୍ଚ ଲାଇଟରେ ଚିକିତ୍ସା କରୁଛନ୍ତି। କାଜୁଆଲିଟି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଏଭଳି ଅବସ୍ଥାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ମେଡିକାଲକୁ ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

### ମଦ ଜବତ, ଜଣେ ଗିରଫ

**ଖଲ୍ଲିକୋଟ,୧୨।୭(ପ୍ରଶାନ୍ତ ମିଶ୍ର):** ଚିକିଲି ଛକ ନିକଟରେ ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ଚୋରା ଦେଶୀ ମଦ ସହ ଏକ ବାଇକ ଜବତ କରିଥିବା ବେଳେ ଚୋରା ଦେଶୀମଦ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ବୁଧବାର ମଧ୍ୟାହ୍ନରେ ବି.ନୂଆଁପଲ୍ଲୀ ଅଞ୍ଚଳରୁ ତାଳପଡ଼ା ଅଭିମୁଖେ ଏକ ବାଇକ ଯୋଗେ ଚୋରା ଦେଶୀ ମଦ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଥାନା ଏଏସଆଇ ଅନିଲ କୁମାର ଶବର, କନେଷ୍ଟବଲ ରୁଦ୍ର ପ୍ରସାଦ ଭଙ୍ଗମିଶ୍ର, ମନୋରଞ୍ଜନ ଦାସ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଚିକିଲି ଛକ ନିକଟରେ ଚଢ଼ାଉ କରି ୧୦୫ ଲିଟର ମଦ ସହ ଏକ ବାଇକ ଜବତ କରିଥିଲେ। ବିକ୍ରମ ଜାନି ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଥାନା କେସ ନମ୍ବର ୪୯୬/୨୦୨୩ ଅନୁଯାୟୀ ପୋଲିସ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ଥାନା ଅଞ୍ଚଳରେ ଚୋରା ଦେଶୀ ମଦ କାରବାରକୁ ରୋକିବା ପାଇଁ ଆଗକୁ ଚଢ଼ାଉ ଜାରିରହିବ ବୋଲି ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ ସୂଚନା ଦେଇଛନ୍ତି।

### ପୂର୍ବତନ ବାଚସ୍ପତିଙ୍କ ସ୍ତ୍ରୀଙ୍କ ପରଲୋକ



**ପାତ୍ରପୁର,୧୨।୭ (ଉମା ଚରଣ ନେପାକ)** ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ସ୍ତ୍ରୀ ସରୋଜିନୀ ଦ୍ୟାନ ସାମନ୍ତରା(୭୭)ଙ୍କ ବୁଧବାର ପରଲୋକ ଘଟିଛି। ଅପରାହ୍ନରେ ସରୋଜିନୀ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରିବା ପାଇଁ ଗାଡ଼ିରେ ବସାଇବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ସମୟରେ ପୁଅ ରବୀନ୍ଦ୍ର ଦ୍ୟାନ ସାମନ୍ତରା, ମନୋରଞ୍ଜନ ଦ୍ୟାନ ସାମନ୍ତରା ସୁରେଶ ଦ୍ୟାନ ସାମନ୍ତରା ଓ ନାତି ମାରୁତି ଦ୍ୟାନ ସାମନ୍ତରା ଉପସ୍ଥିତ ଥିଲେ। ସରୋଜିନୀଙ୍କ ବିୟୋଗରେ ପାତ୍ରପୁର ଅଞ୍ଚଳର ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

# ୩୦ ଲକ୍ଷର ଗୁଟ୍‌ଖା ଜବତ, ୫ ଗିରଫ

**ବ୍ରହ୍ମପୁର/ଦିଗପହଣ୍ଡି,୧୨।୭ (ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷ ନାଥ ମିଶ୍ର)**

ବଡବଜାର ଓ ଦିଗପହଣ୍ଡି ପୋଲିସ ପୃଥକ ସ୍ଥାନରେ ଚଢଉ କରି ଗୁଟଖା କାରବାର ର୍‌ୟାକେଟ୍ ଠାବ କରିଛି। ଦିଗପହଣ୍ଡି ପୋଲିସ ଲଙ୍ଗଳଦେଇ ଗ୍ରାମରୁ ୩ଜଣଙ୍କୁ ଗିରଫ କରିଥିବା ବେଳେ ବଡବଜାର ଥାନା ପୋଲିସ ପାଣିଗ୍ରାହୀପେଣ୍ଠରୁ ଦୁଇ ଜଣଙ୍କୁ ଏପରିମୋଟ ୫ଜଣଙ୍କୁ ଗିରଫ କରାଯାଇଛି।

ଦିଗପହଣ୍ଡି ଭୁଷଣ୍ଡ ଗ୍ରାମରେ ଚଢ଼ାଉ ପରେ ବ୍ରହ୍ମପୁର ଜେନା ସାହି ଓ ପାଣିଗ୍ରାହୀପେଣ୍ଠ ସାହିରେ ଚଢ଼ାଉ କରିଛି ପୋଲିସ। ଗୁଟଖା ପ୍ରସ୍ତୁତି ସାମଗ୍ରୀ ଓ ବିପୁଳ ପରିମାଣର ଗୁଟଖା ଜବତ ହୋଇଛି। ଦିଗପହଣ୍ଡି ଥାନା ପୋଲିସ ଲଙ୍ଗଳଦେଇର ମନୋଜ ସାହୁ, ରବୀନ୍ଦ୍ର ଗୌଡ଼ ଓ ଭୂଷଣ୍ଡର କାଳିଆ ଦୋରାଙ୍କୁ ଗିରଫ କରିଥିବା ବେଳେ ବଡ଼ ବଜାର ଥାନା ପୋଲିସ ପାଣିଗ୍ରାହୀପେଣ୍ଠ ସାହିର ରାମଚନ୍ଦ୍ର ଦାଶ ଓ ବାରିହାବିଲ ସାହିର ସୁରଜ କୁମାର ବେହେରାଙ୍କୁ ଗିରଫ କରିଥିବା ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍। ଏସ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ ମଙ୍ଗଳବାର ଚିକିଟି ଏସଡିପିଓ ଓ ଟିମ୍ ଭୂଷଣ୍ଡ ଗ୍ରାମରେ ଚଢ଼ାଉ କରିଥିଲେ।



ଦିଗପହଣ୍ଡିରୁ ଗିରଫ ୩ ଅଭିଯୁକ୍ତ।

ସେଠାରୁ ୧୨୬ ପ୍ୟାକେଟ ଗୋକୁଲ ତିଲକ୍ସ ଓ ହରିତ୍ରାଖଣ୍ଡି, ୪ଟି ଗୁଟୁଖା ପାଇଁ ବ୍ୟବହାର କରାଯାଉଥିବା ଚିଲ, ଗୁଟଖା ପ୍ରସ୍ତୁତି ମେସିନ୍, କଟିଂ ମେସିନ୍, ଫନେଲ୍ ପ୍ରମୁଖ ଜବତ ହେଇଥିଲା। ଅଭିଯୁକ୍ତଙ୍କୁ ଜେରା କରିବା ପରେ ଜେନା ସାହି ଓ ପାଣିଗ୍ରାହୀପେଣ୍ଠ ସାହିରେ ସବୁ ଜିନିଷ ଥିବା ପ୍ରକାଶ କରିଥିଲେ। ବଡ଼ବଜାର ଥାନା ପୋଲିସକୁ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏସପି। ବଡ଼ବଜାର ଥାନା ଆଇଆଇସି ପ୍ରଶାନ୍ତ ଭୂପତି ଓ ଟିମ୍ ପ୍ରଥମେ ଜେନା ସାହିରେ ଏକ ଗୋଦାମରେ ଚଢ଼ାଉ କରିବା ସମୟରେ ୨୨୫ କିଲୋ ଗୁଟୁଖା ଜବତ କରିଥିଲେ। ଏହି ଗୁଟଖାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପ୍ରକାଶ କରିଛି। ପରେ ପାଣିଗ୍ରାହୀପେଣ୍ଠ ସାହି ରାମଚନ୍ଦ୍ରଙ୍କ ମିଲରେ ଚଢ଼ାଉ ହୋଇଥିଲା। ସେଠାରୁ ୧୭ ବ୍ୟାଗ୍ ଧନିଆ, ୧୯ ବ୍ୟାଗ୍ ପାନମଧୁରୀ, ୨୫ କିଲୋ ଗୁଆ, ଭଜା ଓ ମିକ୍ସ ମେସିନ୍ ଏବଂ ଗୋଟିଏ ଅଟୋ ରିକ୍ସା ଜବତ ହୋଇଥିଲା । ଜବତ ସାମାଗ୍ରୀର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ ବୋଲି ଏସପି ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଅଭିଯୁକ୍ତମାନେ କିଛି ବଡ଼ ଗୁଟଖା ବ୍ୟବସାୟୀଙ୍କ ଠାରୁ କଞ୍ଚାମାଲ୍ ନେଇ ଗ୍ରାମାଞ୍ଚଳରେ ଏକ ଘର ଭଡ଼ା ନେଇ ସେଠାରେ ପ୍ରସ୍ତୁତ କରୁଥିଲେ। ଭୂଷଣ୍ଡ ଗ୍ରାମରେ ପ୍ରସ୍ତୁତ କରିବା ପରେ ତାହାକୁ ବ୍ରହ୍ମପୁର ଅଣାଯାଉଥିଲା। ବ୍ୟବସାୟୀମାନେ ପ୍ରସ୍ତୁତ ହୋଇଥିବା ଗୁଟଖାକୁ ନେଇ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ଜରିରେ ପ୍ୟାକିଂ କରି ବଜାରକୁ ଛାଡୁଥିଲେ। ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ସମସ୍ତ ଅଭିଯୁକ୍ତ ଖୁବଶୀଘ୍ର ଧରାପଡିବେ ବୋଲି ଏସ୍‌ପି କହିଛନ୍ତି।ଗ



**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

bmpselfie@gmail.com

@ ମନୋରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଦ ବିକ୍ରି ବିରୋଧରେ ଗ୍ରାମବାସୀଙ୍କ ଆନ୍ଦୋଳନ



ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

**ଦିଗପହଣ୍ଡି/ପାଟପୁର,୧୨।୭ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)**

ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳରେ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ଗ୍ରାମାଞ୍ଚଳଗୁଡ଼ିକରେ ଦିନକୁ ଦିନ ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ଏହା ପ୍ରତିବାଦରେ ବୁଧବାର ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଡେଙ୍ଗାଡି ଗ୍ରାମର ଶତାଧିକ ମହିଳା ପୁରୁଷ ଟାୟାର ଜାଳି ସକାଳ ପ୍ରାୟ ୮ ଟାରୁ ୩ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଫଳରେ ହିଞ୍ଜିଳିକାଟୁ – ଜଗନ୍ନାଥପୁର ମୁଖ୍ୟ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

ଡେଙ୍ଗାଡି ଗ୍ରାମର ପ୍ରାଥମିକ ବିଦ୍ୟାଳୟଠାରୁ ଅଳ୍ପ ଦୂରରେ ଦୀର୍ଘ ଦିନ ଧରି ଦେଶୀମଦ ବିକ୍ରି କରାଯାଉଛି। ଯାହାର ପ୍ରଭାବ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ଉପରେ ପଡୁଥିବା ଜଣାପଡିଛି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗି ରହିଥିଲା। ଗ୍ରାମବାସୀ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗାଁରେ ମଦ ବ୍ୟବସାୟ ବନ୍ଦ ପାଇଁ ଅନୁରୋଧ କରିଥିଲେ। ବ୍ୟବସାୟୀ ଜଣକ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା କାରଣରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଗ୍ରାମରୁ ମଦ ଦୋକାନ ହଟାଇବା ନେଇ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ସହ ଅବରୋଧ କରିଥିଲେ। ଫଳରେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଖବରପାଇ ଘଟଣାସ୍ଥଳରେ ପାଟପୁର ଥାନା ଏସ୍ଆଇ ଶ୍ରୀନିବାସ ଦାସ, ମିଲନ ପ୍ରଧାନ ସଦଳବଳ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ରାସ୍ତା କଡରୁ ମଦ ଦୋକାନ ହଟାଇବା ପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏ ନେଇ ଦିଗପହଣ୍ଡି ଅବକାରୀ ଏସ୍.ଆଇ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ନିୟମିତ ବ୍ୟବଧାନରେ ଚୋରାମଦ ଧରପଗଡ କରାଯାଉଛି। ଡେଙ୍ଗାଡି ଗାଁରେ ସରକାରୀ ଲାଇସେନ୍ସ ପ୍ରାପ୍ତ ବ୍ରାଞ୍ଚ ଦୋକାନ ଖୋଲାଯିବା ପାଇଁ ଅନୁମତି ଦିଆଯାଇଛି। ଚୋରାମଦ କାରବାର ନେଇ ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଅଭିଯୋଗ ମିଳି ନଥିବା କହିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର,୧୨।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୃଷ୍ଣନଗର ଜେଲ ରୋଡରେ ବୁଧବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ କୃଷ୍ଣନଗର ଅଞ୍ଚଳର ପ୍ରଭାତ କୁମାର ସାହୁ (୨୪)। କୃଷ୍ଣଚନ୍ଦ୍ର ଏକ ଘରୋଇ ସଂସ୍ଥାର ଡେଲିଭରି ବୟ ଭାବେ କାମ କରୁଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ୩/୪ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଘର ନିକଟରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ପ୍ରଭାତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଲୁହା ଛଡ଼ କିମ୍ବା କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

## ତପ୍ତପାଣି ଘାଟିରେ ଟ୍ରକ ଓଲଟି ଚାଳକ ଗୁରୁତର

**ଦିଗପହଣ୍ଡି,୧୨।୭(ଅଶେଷ ନାଥ ମିଶ୍ର):** ଗଞ୍ଜାମ – ଗଜପତି ସୀମାନ୍ତ ତପ୍ତପାଣି ଘାଟି ରାସ୍ତାରେ ବୁଧବାର ଅପରାହ୍ନରେ ଏକ ଟ୍ରକ ଓଲଟି ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ତାଙ୍କ ନାମ ପ୍ରତାପ ଚନ୍ଦ୍ର ବେହେରା ଏବଂ ଘର ନୟାଗଡ଼ ଜିଲା ଗଣିଆ ଥାନା ଅନ୍ତର୍ଗତ ଆଡକଟା ଗ୍ରାମରେ। ଟ୍ରକଟି ମୋହନାରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଘାଟିରେ ଆଗଚକ ଫାଟିଯିବାରୁ ନିୟନ୍ତ୍ରଣ ହରାଇ ଟ୍ରକଟି ଓଲଟି ପଡିଥିଲା। ୧୦୮ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଦୁଇ ଭାଇ କୋର୍ଟ ଚାଲାଣ

**ଗୋପାଳପୁର,୧୨।୭ (ନବୀନ ରାଜ ଆଚାରୀ)**

ଗୋଳନ୍ଥରା ଥାନା ଅଞ୍ଚଳରେ ଗାଡି ଚାଳକଙ୍କୁ ଅଟକାଇ ମାଡ଼ ମାରି ଲୁଟ କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ବୁଧବାର ସନ୍ଧ୍ୟାରେ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦୁଇ ଭାଇ ଗୋଶାଣୀନୂଆଗାଁ ଅଞ୍ଚଳର ସୁନୀଲ କୁମାର ସାହୁ ଓ ରାଜେଶ କୁମାର ସାହୁ ବୋଲି ପୋଲିସ ସୂଚନା ଦେଇଛି। ଏହି ଥାନା ଅନ୍ତର୍ଗତ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲା ବାସିପଡା ଗ୍ରାମର ବି.ଲକ୍ଷ୍ମଣ ଓ ହେଲପର ସୀମାଞ୍ଚଳ ପାତ୍ର ଏକ ପିକ୍ଅପରେ ୧୩ ଟି ବାଛୁରୀ ନେଇ ୧୬ ନଂ ଜାତୀୟ ରାଜପଥ ଦେଇ ଆନ୍ଧ୍ର ଯାଉଥିବା ବେଳେ ମଙ୍ଗଳବାର ଭୋର ସମୟରେ ଗିରିସୋଲା ନିକଟରେ ହଠାତ ଦୁଇଟି ବାଇକରେ ୪ଜଣ ଆସି ଗାଡିକୁ

### ଗାଡ଼ି ଅଟକାଇ ଚାଳକଙ୍କୁ ମାଡ଼ ମାରି ଲୁଟ୍ ଘଟଣା

ଅଟକାଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଲକ୍ଷ୍ମଣଙ୍କୁ ମାଡ଼ ମାରି ତାଙ୍କ ଠାରୁ ୧୫୦୦ ଟଙ୍କା, ଦୁଇଟି ମୋବାଇଲ ନେଇଯାଇଥିଲେ। ଏ ନେଇ ଲକ୍ଷ୍ମଣ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଚିହ୍ନଟ କରିବା ପରେ ବୁଧବାର ଗୋଶାଣୀନୂଆଗାଁ ଅଞ୍ଚଳରେ ପୋଲିସ ଚଢ଼ାଉ କରି ସୁନୀଲ ଓ ରାଜେଶ ଦୁଇ ଭାଇଙ୍କୁ କାବୁ କରିଥିଲେ। ତାଙ୍କ ଠାରୁ ପୋଲିସ ୧୫୦୦ ଟଙ୍କା ଜବତ କରିଛି। ସନ୍ଧ୍ୟାରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲାଞ୍ଚ ନେବା ମାମଲା, ପୂର୍ବତନ କିରାଣିଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ, ୧୨।୭ (ରାକେଶ କୁମାର ରାଉତ)**

ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମରବିଳାସ ବେହେରା ଅଭିଯୁକ୍ତ ପୂର୍ବତନ ମୁଖ୍ୟ କିରାଣିଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ବୌଦ୍ଧ ଜିଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଭୁଜ ଖମାରୀ।

୨୦୧୯ରେ ହରଭଙ୍ଗା ଥାନା ଭାବପୁର ଗ୍ରାମର କୌଶଲ୍ୟା ତାମୁକିଆ ବୋହୂ ନର୍ମଦାଙ୍କ ନାମରେ ପରିବାର ପେନସନ କରିବା ପାଇଁ ଆବେଦନ କରିଥିଲେ। ହେଲେ ଏଥିପାଇଁ କିରାଣି ଚତୁର୍ଭୁଜ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କୌଶଲ୍ୟା ଏ ନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଡିସେମ୍ବର ୪ ତାରିଖରେ ପୂର୍ବ ପ୍ରସ୍ତୁତି ଅନୁସାରେ କୌଶଲ୍ୟା ଏହି ଟଙ୍କା



ପୂର୍ବତନ ମୁଖ୍ୟ କିରାଣୀ ଚତୁର୍ଭୁଜ ଖମାରୀ।

ନେଇ ଚତୁର୍ଭୁଜଙ୍କୁ ଦେଇଥିଲେ। ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୩୩/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ୧୨ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କୁ ବ୍ରେଲି ଶିକ୍ଷଣ ସାମଗ୍ରୀ ବଣ୍ଟନ

**ଛତ୍ରପୁର,୧୨।୭ (ସନ୍ତୋଷ ପାଢୀ)**

ଗଞ୍ଜାମ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏଥିସହ ତାଙ୍କୁ ବିଭିନ୍ନ ଉପକରଣ ଓ ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଛି। ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ବ୍ରେଲି ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଥିବାବେଳେ ଭାରତ ସରକାରଙ୍କ କୃତ୍ରିମ ଅଙ୍ଗ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ଚଳନ ଶକ୍ତି ଓ ଶ୍ରବଣ ଶକ୍ତି ବାଧିତ ଛାତ୍ରୀଛାତ୍ରଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କିର୍ତ୍ତୀଭାସନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଉପକରଣ ବଣ୍ଟନ କରିବା ପରେ ଜିଲା ସମ୍ବଳ କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜିକା ତଥା ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ସମଗ୍ର ଶିକ୍ଷାର ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ତପନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ବିଭିନ୍ନ ବ୍ଲକରୁ ୧୧୦ଜଣ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କୁ ବ୍ରେଲି ଶିକ୍ଷଣ ସାମଗ୍ରୀ ବଣ୍ଟନ କରାଯାଇଥିବାବେଳେ ଗଂଜାମ ଓ ଛତ୍ରପୁର ବ୍ଲକରୁ ୧୦୫ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା ଏବଂ ସ୍ୱତନ୍ତ୍ର ଯୋଗ ଓ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲ।

# ପୁଣି ସଭାପତି ହେଲେ ହରିକୃଷ୍ଣ

### ଅବସର ପ୍ରାପ୍ତ କର୍ମଚାରୀ ସଂଘର ନିର୍ବାଚନ

**ଦିଗପହଣ୍ଡି,୧୨।୭ (ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ସଂଘର ସ୍ଥାୟୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ.ଯୁଧିଷ୍ଠିର ସ୍ୱାଇଁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ପଦ୍ମଚରଣ ମେକାପ, ଉପସଭାପତି ଭାସ୍କର ପାଢ଼ୀ, ସହସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ନରହରି ସାହୁ ଏବଂ ସମୀକ୍ଷକ ବ୍ରଜମୋହନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଦିଗପହଣ୍ଡି ଏନ୍ଏସିର ଅବସରପ୍ରାପ୍ତ ମୁଖ୍ୟ କିରାଣୀ କାଶୀନାଥ ଗୌଡଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସଂଘର ନୂତନ ସଭାପତି ନିର୍ବାଚନ ନିମନ୍ତେ ପ୍ରସ୍ତାବ ଆଗତ ହୋଇଥିଲା। ଏଥିରେ ପୂର୍ବରୁ ସଂଘର ସଭାପତି ଥିବା ହରିକୃଷ୍ଣ ପଣ୍ଡା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଡ. ଯୁଧିଷ୍ଠିର ସ୍ୱାଇଁଙ୍କୁ ପରାଜିତ କରି ପୁଣି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନକୁ ସୁରେନ୍ଦ୍ର ପଟ୍ଟନାୟକ ଏବଂ ବ୍ରଜମୋହନ ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅବସରରେ ସଂଘର ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସଂଘର ବରିଷ୍ଠ ସଦସ୍ୟ ଇପିଲି ଅର୍ଜୁନ, ଭି.ରାମନାଥ ରାଜୁ, ଶଙ୍କର ପ୍ରଧାନ, ଇ. ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ଭୀମସେନ ଦାସଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଲକ୍ଷ୍ମଣ ତ୍ରିପାଠୀ, ବିନାୟକ ପଣ୍ଡା, ବସନ୍ତ ପଟ୍ଟନାୟକ, ରତ୍ନାକର ପ୍ରଧାନ, ଭାଗିରଥି ଚୌଧୁରୀ, ଦଣ୍ଡାସି ସାହୁ, ସୁବାସ ଚନ୍ଦ୍ର ଚୌଧୁରୀ, ପ୍ରକାଶ ଚନ୍ଦ୍ର ଗୌଡ, ଅରୁଣ ରଥ, କୃଷ୍ଣଚନ୍ଦ୍ର ବ୍ରହ୍ମା, ଉମା ଶଙ୍କର ପଟ୍ଟନାୟକ, ଦଣ୍ଡପାଣି ସାହୁ, ହେମନ୍ତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍‌କାଟକୁ ତୀବ୍ର ବିରୋଧ

### ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବ୍ରହ୍ମପୁର,୧୨।୭ (ସ୍ମୃତିରଞ୍ଜନ ମହାଲିକ)**

ଅଘୋଷିତ ବିଦ୍ୟୁତ କାଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଟାଟାପାୱାର ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ କାଉନସିଲ ବୈଠକରେ ମଧ୍ୟ ଅଘୋଷିତ ବିଦ୍ୟୁତ କାଟକୁ ନେଇ କର୍ପୋରେଟରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ତ୍ତମାନ ଜନସାଧାରଣଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଟାଟା ପାୱାର ବିରୋଧରେ ଏକତ୍ରିତ ହେଲେଣି।

ମଙ୍ଗଳବାର ରାତିରେ ଗୋସାଣୀ ନୂଆଗାଁ ସମେତ ନେହେରୁ ନଗର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହୋଇଥିଲା। ମଧ୍ୟ ରାତ୍ରିରୁ ବିଦ୍ୟୁତ କାଟ ହେବା ପରେ



ଲୋକେ ରାସ୍ତାରୋକୋ ଆନ୍ଦୋଳନ ଚଳାଇଛନ୍ତି।

ମଧ୍ୟ ବିଦ୍ୟୁତ ଆସି ନ ଥିଲା। ଫଳରେ ଗୋସାଣୀ ନୂଆଗାଁ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଲୋକେ ଉତ୍ୟକ୍ତ ହୋଇ ୧୬ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଅନ୍ଧପସରା ରୋଡ ସ୍ଥିତ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଏଥିସହ ଟାଟା ପାୱାର ପକ୍ଷରୁ ମରାମତି କରାଯାଉଥିବା ସ୍ଥାନରେ ଉପସ୍ଥିତ କର୍ମଚାରୀଙ୍କୁ ଆନ୍ଦୋଳନକାରୀମାନେ ଅଟକ ରଖିଥିଲେ। ଏଭଳି ଭାବେ ରାତିତମାମ ଆନ୍ଦୋଳନ ଜାରି ରହିଥିଲା। ସେମାନଙ୍କୁ ବୁଝାଶୁଝା ନିମନ୍ତେ ଆସିଥିବା ଟାଟା ପାୱାରର ଡିଷ୍ଟ୍ରିବ୍ୟୁସନ ମୁଖ୍ୟ କମଲଜିତ ମହାଜନ, ଜେଇଇ, ଏସଡିଓଙ୍କୁ ଲୋକେ ଅଟକ ରଖିଥିଲେ। କର୍ପୋରେଟର ନୀଳକଣ୍ଠ ସାହୁ ଓ ସମାଜିକ କର୍ମୀ ଦୁର୍ଗା ପ୍ରସାଦ ପଣ୍ଡା ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ଥିତି ଅଣାୟତ ହେବାରୁ ଗୋସାଣୀ ନୂଆଗାଁ ଥାନାଧିକାରୀ ସ୍ମୃତି ପ୍ରଭା ପ୍ରଧାନ ପହଞ୍ଚି ଅଟକ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଉଦ୍ଧାର କରିଥିଲେ। ଆସନ୍ତା ୧୫ ତାରିଖ ସୁଦ୍ଧା ନୂତନ ଫିଡର ସ୍ଥାପନ କରାଯିବ। ଆଗାମୀ ଦିନରେ ବିଦ୍ୟୁତ କାଟ ହେଲେ ଅଧ ଘଣ୍ଟା ମଧ୍ୟରେ ପାୱାର ପୁନଃ ଷ୍ଟୋର ହେବ ବୋଲି ଟାଟା ପାୱାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଥରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

